بسم الله الرحمن الرحيم

**ଖୁତ୍‌ବା ଜୁମା ୧୨ ମାର୍ଚ୍ଚ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବୀ ହଜ୍‌ରତ ଉସ୍‌ମାନ୍ ର.ଅଙ୍କ ପ୍ରଶଂସନୀୟ୍ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ହଜ଼ରତ ଉସ୍‌ମାନ୍ ର.ଅଙ୍କ ସଂପର୍କରେ ଚର୍ଚ୍ଚା ଅବ୍ୟାହତ ରହିଛି । ଯେତେବେଳେ ଉପଦ୍ରବ ଏବଂ ବିଦ୍ରୋହ ଚରମ ସୀମାରେ ଥିଲା ସେତେବେଳେ ହ. ଉସ୍‌ମାନ୍ ର.ଅ ପ୍ରାୟ ନିଜ ମୃତ୍ୟୁର ଏକ ବର୍ଷ ପୂର୍ବେ ହଜ୍ କରିଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି ଯେ, ହ. ଉସ୍‌ମାନ୍ ର.ଅ ହଜ୍‌ରୁ ଫେରିବା ସମୟରେ ହ. ଅମୀର ମୁଆୱିୟା ମଧ୍ଧ ହ. ଉସ୍‌ମାନ୍ ର.ଅଙ୍କ ସହିତ ମଦିନା ଆସିଥିଲେ । ଅତଏବ ହ. ଅମୀର ମୁଆୱିୟା ଯେତେବେଳେ କିଛି ଦିନ ମଦିନାରେ ରହିବା ପରେ ଫେରିଯିବାକୁ ଲାଗିଲେ ସେତେବେଳେ ହ. ଉସ୍‌ମାନ୍ ର.ଅଙ୍କୁ ଏକାନ୍ତ ଭେଟିଲେ ଏବଂ ଅନୁରୋଧ କଲେ ଯେ, ଉକ୍ତ ଉପଦ୍ରବଟି କ୍ରମାଗତ ଭାବରେ ବୃଦ୍ଧି ପାଉଅଛି । ତେଣୁ ଆପଣ ଯଦି ମୋତେ ଅନୁମତି ପ୍ରଦାନ କରନ୍ତି ତାହାହେଲେ ମୁଁ ଏହି ଉପଦ୍ରବ ସଂପର୍କରେ କୌଣସି ପଦକ୍ଷେପ ଗ୍ରହଣ କରିବି । ହ. ଉସ୍‌ମାନ୍ ର.ଅ ହ. ମୁଆୱିୟାଙ୍କୁ କହିଲେ ହଁ କୁହନ୍ତୁ ! ପ୍ରତ୍ୟୁତ୍ତରରେ ହ. ମୁଆୱିୟା କହିଲେ ମୋର ଆପଣଙ୍କୁ ପରାମର୍ଶ ଯେ, ଆପଣ ମୋ ସହିତ ସିରୀୟା ଚାଲନ୍ତୁ । କାରଣ ସିରୀୟାରେ ପ୍ରତ୍ୟେକ ଦୃଷ୍ଟିରୁ ଶାନ୍ତି ରହିଛି ଏବଂ ସେଠାରେ କୌଣସି ପ୍ରକାରର ଉପଦ୍ରବ ନାହିଁ । ଅତଏବ ଏପରି ଅକସ୍ମାତ୍ ଉପଦ୍ରବ ସୃଷ୍ଟି ନହେଉ ଯଦ୍ୱାରା ସେତେବେଳେ କୌଣସି ବ୍ୟବସ୍ଥା ହୋଇପାରୁ ନଥିବ । ହ. ଉସ୍‌ମାନ୍ ର.ଅ ତାଙ୍କୁ ଉତ୍ତର ଦେଲେ ଯେ, ମୋ ଶରୀର ଖଣ୍ଡ ବିଖଣ୍ଡିତ ହୋଇଯାଉ ପଛେ, ମୁଁ ରସୁଲ୍ କରୀମ୍ ସ.ଅଙ୍କ ପ୍ରତିବେଶୀତ୍ୱକୁ କୌଣସି ମତେ ଛାଡି ଯାଇ ପାରିବି ନାହିଁ । ହ. ଅମୀର୍ ମୁଆୱିୟା ର.ଅ କହିଲେ ଯେ, ମୋର ଆପଣଙ୍କୁ ଦ୍ୱିତୀୟ ପରାମର୍ଶ ଏହିକି ଯେ, ଆପଣ ମୋତେ ଏହି ଅନୁମତି ପ୍ରଦାନ କରନ୍ତୁ ଯେ, ମୁଁ ଆପଣଙ୍କ ସୁରକ୍ଷା ଲାଗି ଏକ ସିରୀୟ ସୈନ୍ୟ ଦଳ ପ୍ରେରଣ କରିଦେବି। ଏହି ସୈନ୍ୟଦଳର ଉପସ୍ଥିତିରେ କୌଣସି ଉପଦ୍ରବୀ ବ୍ୟକ୍ତି ଦୁଷ୍ଟତା ପ୍ରଦର୍ଶନ କରିପାରିବ ନାହିଁ । ହ. ଉସ୍‌ମାନ୍ ର.ଅ ଉତ୍ତର ଦେଲେ ଯେ, ମୁଁ ବୈତୁଲ୍ ମାଲ (ଅର୍ଥ ବିଭାଗ) ଉପରେ ନିଜର ସୁରକ୍ଷା ସକାଶେ ବୋଝ ଲଦି ଦେଇ ପାରିବି ନାହିଁ, ନା ମୁଁ ଏହାକୁ ଉଚିତ ମନେ କରୁଛି ଯେ, ମୁଁ ମଦିନାରେ ସୈନ୍ୟଦଳ ରଖି ମଦିନାବାସୀଙ୍କୁ ଅଭାବ ଅସୁବିଧାରେ ପକାଇ ଦେବି । ପ୍ରତ୍ୟୁତ୍ତରରେ ହ. ଅମୀର ମୁଆୱିୟା କହିଲେ: ତାହାହେଲେ ମୋର ଆପଣଙ୍କୁ ତୃତୀୟ ପରାମର୍ଶ ଯେ, ଯଦି ସାହାବାମାନଙ୍କ ପାଖରେ ଏହି ସାହସ ଅଛି ତାହାହେଲେ ସେମାନେ ଆପଣଙ୍କ ଅନୁପସ୍ଥିତିରେ ଅନ୍ୟ ବ୍ୟକ୍ତିକୁ ଛିଡା କରି ଦିଅନ୍ତୁ । ତେଣୁ ଆପଣଙ୍କୁ ଅନୁରୋଧ ଯେ, ଆପଣ ଏହି ସହାବାମାନଙ୍କୁ ବିଭିନ୍ନ ଦେଶକୁ ପ୍ରେରଣ କରି ଦିଅନ୍ତୁ । ହ. ଉସ୍‌ମାନ୍ ର.ଅ ଉତ୍ତର ଦେଲେ ଏହା କିପରି ସମ୍ଭବ ଯେ, ଯେଉଁ ଲୋକମାନଙ୍କୁ ଆଁହଜ଼ରତ ସ.ଅ ଏକତ୍ରିତ କରିଛନ୍ତି ମୁଁ ସେମାନଙ୍କୁ ବିକ୍ଷିପ୍ତ କରି ଅନ୍ୟ ଦେଶକୁ ପ୍ରେରଣ କରିଦେବି? ପ୍ରତ୍ୟୁତ୍ତରରେ ହ. ମୁଆୱିୟା ର.ଅ କାନ୍ଦି ପକାଇଲେ ଏବଂ କହିଲେ ଯେ, ହେ ଉସ୍‌ମାନ୍ ର.ଅ ! ମୁଁ ଆପଣଙ୍କ ସୁରକ୍ଷା ଲାଗି ଆପଣଙ୍କ ଆଗରେ ଉପଦ୍ରବଗୁଡ଼ିକୁ ଦୂରୀଭୂତ କରିବା ପାଇଁ ଯେଉଁସବୁ ପରାମର୍ଶ ଏବଂ ଉପାୟ ଉପସ୍ଥାପିତ କରିଛି, ଯଦି ଆପଣ ତାହାକୁ ସ୍ୱୀକାର କରୁ ନାହାନ୍ତି ତାହାହେଲେ ଅନ୍ତତଃ ଏତିକି କୃପା କରି ଦିଅନ୍ତୁ ଯେ, ଆପଣ ଲୋକଙ୍କ ମଧ୍ଧରେ ଏହି ଘୋଷଣା କରି ଦିଅନ୍ତୁ ଯେ, ଯଦି ମୋ (ଅର୍ଥାତ ହ. ଉସ୍‌ମାନ୍ ର.ଅ ସ୍ୱୟଂଙ୍କ ଜୀବନର) ଜୀବନକୁ କୌଣସି ହାନୀ ପହଞ୍ଚେ ତାହାହେଲେ ଅମୀର୍ ମୁଆୱିୟାଙ୍କୁ ପ୍ରତିଶୋଧ ନେବାର ସଂପୂର୍ଣ୍ଣ ଅଧିକାର ରହିବ । ହୋଇପାରେ ଏହି ଉପଦ୍ରବୀମାନେ ଉକ୍ତ ଘୋଷଣା ଦ୍ୱାରା ଭୟଭୀତ ହୋଇଯିବେ । ହ. ଉସ୍‌ମାନ୍ ର.ଅ ଉତ୍ତର ଦେଲେ ଯେ, ହେ ମୁଆୱିୟା ! ଛାଡ଼ ଯାହା ଘଟିବାର ଥିବ ତାହା ଅବଶ୍ୟ ଘଟିବ, ମୁଁ ଏପରି କିରପାରିବି ନାହିଁ । କାରଣ ଆପଣ ଜଣେ କଠୋର ସ୍ୱଭାବ ବ୍ୟକ୍ତି ଅଟନ୍ତି । କିନ୍ତୁ ମୋର ସ୍ୱଭାବ ତାହା ନୁହେଁ । ଅତଏବ ଏପରି ନହେଉ ଯେ, ଆପଣ ମୁସଲ୍‌ମାନ୍‌ମାନଙ୍କ ପ୍ରତି କଠୋରତା ପ୍ରଦର୍ଶନ କରିବେ । ପ୍ରତ୍ୟୁତ୍ତରରେ ହ. ମୁଆୱିୟା ର.ଅ ରୋଦନ ଅବସ୍ଥାରେ ହ.

ଉସ୍ମାନ୍ ର.ଅଙ୍କ ନିକଟକୁ ଉଠିଲେ ଏବଂ କହିଲେ ମୁଁ ଭାବୁଛି ବୋଧହୁଏ ଏହା ଆମର ଶେଷ ସାକ୍ଷାତ । ବାହାରକୁ ବାହାରି ହ. ମୁଆୱିୟା ର.ଅ କହିଲେ ହେ ସାହାବାମାନେ ! ବର୍ତ୍ତମାନ ଇସ୍‌ଲାମ୍ ସଂପୂର୍ଣ୍ଣ ରୂପେ ଆପଣମାନଙ୍କ ଉପରେ ହିଁ ନିର୍ଭରଶୀଳ ଅଟେ ଏବଂ ହ. ଉସ୍ମାନ୍ ର.ଅ ଦୁର୍ବଳ ହୋଇ ଯାଇଛନ୍ତି । ଉପଦ୍ରବ କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଛି, ତେଣୁ ଆପଣମାନେ ତାଙ୍କର ଯତ୍ନ ନେବେ ଏବଂ ତାଙ୍କୁ ସୁରକ୍ଷା ପ୍ରଦାନ କରିବେ । ହ. ମୁଆୱିୟା ର.ଅ ଏହା କହି ସିରୀୟା ଅଭିମୁଖେ ପ୍ରସ୍ଥାନ କଲେ ।

ହ. ଉସ୍ମାନ୍ ର.ଅଙ୍କ ଶାହାଦତ୍ ପୂର୍ବର ଉପଦ୍ରବ ଏବଂ ଶହାଦତ୍‌ର ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯଦିଓ ବିଦ୍ରୋହୀମାନଙ୍କୁ ପ୍ରକାଶ୍ୟ ରୂପେ ବିଜୟ ପ୍ରାପ୍ତ ହୋଇ ସାରିଥିଲା କିନ୍ତୁ ସେମାନେ ଆଳପୂର୍ବକ ଆଉ ଏକ ବ୍ୟକ୍ତିକୁ ହ. ଉସ୍ମାନ୍ ର.ଅ ଙ୍କ ନିକଟକୁ ପ୍ରେରଣ କଲେ । ସେମାନେ ଉକ୍ତ ବ୍ୟକ୍ତିକୁ କହିଲେ ଯେ, ସେ ଯାଇ ହ. ଉସମାନ୍ ର.ଅଙ୍କୁ କହୁ ଯେ, ଆପଣ ନିଜ ଖିଲାଫତ୍ ପଦବୀରୁ ଇସ୍ତଫା ଦେଇ ଦିଅନ୍ତୁ । କାରଣ ସେମାନେ ଭାବୁଥିଲେ ଯେ, ହ. ଉସ୍ମାନ୍ ର.ଅ ଯଦି ସ୍ୱୟଂ ଇସ୍ତଫା ଦିଅନ୍ତି ତାହାହେଲେ ବିଦ୍ରୋହୀମାନଙ୍କୁ ହ. ଉସ୍ମାନ୍ ର.ଅଙ୍କୁ ଶାସ୍ତି (ଦଣ୍ଡିତ କରିବାର) ଦେବା ପାଇଁ ଆଉ କୌଣସି ସୁଯୋଗ ମିଳିବ ନାହିଁ । ହ. ଉସ୍ମାନ୍ ର.ଅଙ୍କ ନିକଟରେ ଯେଉଁ ଦୂତ ପହଞ୍ଚିଲା ସେତେବେଳେ ହ. ଉସ୍ମାନ୍ ର.ଅ ଉକ୍ତ ଦୂତକୁ ଉତ୍ତର ଦେଇଥିଲେ ଯେ, ମୁଁ ଅଶିକ୍ଷିତ କାଳରେ ମଧ୍ୟ ଅସତ୍‌କର୍ମରୁ ଦୂରେଇ ରହିଥିଲି ଏବଂ ଇସ୍‌ଲାମ୍‌ରେ ମଧ୍ୟ ଉକ୍ତ ଆଦେଶର ଉଲଂଘନ କରିନାହିଁ । ତାହାହେଲେ ମୁଁ କେଉଁ ଦୋଷରେ ଏହି ପଦବୀକୁ ପରିତ୍ୟାଗ କରିଦେବି । ଯେଉଁ ପଦବୀ ତଥା ବସ୍ତ୍ରକୁ ଅଲ୍ଲାଃତାଲା ମୋତେ ପିନ୍ଧାଇଛନ୍ତି ମୁଁ ସେହି ବସ୍ତ୍ରକୁ କଦାପି ଓହ୍ଲାଇ ପାରିବି ନାହିଁ। ସେହି ବ୍ୟକ୍ତି ହ. ଉସ୍ମାନ୍ ର.ଅଙ୍କ ଉକ୍ତ ଉତ୍ତର ଶୁଣି ଫେରି ଆସିଲା ଏବଂ ନିଜର ସାଥିମାନଙ୍କୁ ଏହି ଶବ୍ଦରେ ଆସି ସମ୍ବୋଧିତ କଲା ଯେ, ସାଙ୍ଗମାନେ ! ଆମେମାନେ ଏକ ବଡ଼ ବିପତ୍ତିରେ ଫସି ଯାଇଛେ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଆମେମାନେ ହ. ଉସ୍ମାନ୍ ର.ଅଙ୍କୁ ହତ୍ୟା କରିବା ବ୍ୟତୀତ ମୁସଲମାନ୍‌ମାନଙ୍କ ହାତମୁଠାରୁ ବର୍ତ୍ତି ପାରିବା ନାହିଁ। ଅତଏବ ଉପଦ୍ରବୀ ବିଦ୍ରୋହୀମାନେ ଏହି ନିଷ୍ପତ୍ତି ନେଲେ ଯେ, ହ. ଉସ୍ମାନ୍ ର.ଅଙ୍କୁ ହତ୍ୟା କରିବାକୁ ହେଲେ କୌଣସି ପଡ଼ୋଶୀର ପାଚେରୀ ଡେଇଁ ଯିବାକୁ ପଡ଼ିବ । ଅତଏବ ସେମାନେ ଏହି ଉଦ୍ଦେଶ୍ୟ ରଖି ଏକ ପଡ଼ୋଶୀର ପାଚେରୀ ଉପରେ ଲମ୍ଫ ମାରି ହ. ଉସ୍ମାନ୍ ର.ଅଙ୍କ କୋଠରୀରେ ପ୍ରବେଶ କଲେ । ଯେତେବେଳେ ଉପଦ୍ରବୀ ବିଦ୍ରୋହୀମାନ କୋଠରୀ ଭିତରେ ପ୍ରବେଶ କଲେ ସତେବେଳେ ସେମାନେ ଏହା ଅବଲୋକନ କଲେ ଯେ, ହ. ଉସ୍ମାନ୍ ର.ଅ କୁରଆନ୍ କରୀମ ଆବୃତ୍ତି କରୁଛନ୍ତି । ଅର୍ଥାତ ଯେବେଠାରୁ ହ. ଉସ୍ମାନ୍ ର.ଅଙ୍କ ଘରର ଘେରାଉ ହୋଇଥିଲା ସେବେଠାରୁ ହ. ଉସ୍ମାନ୍ ର.ଅ ଦିବାରାତ୍ର ଏହି ନିତ୍ୟ କର୍ମ ଥିଲା ଯେ, ସ କୁରଆନ୍ କରୀମ୍ ଆବୃତ୍ତି କରୁଥିଲେ ଏବଂ ନମାଜ଼ ପଢୁଥିଲେ । ଏହି କର୍ମ ବ୍ୟତୀତ ସେ ଅନ୍ୟ କୌଣସି କର୍ମ ପ୍ରତି ଆକୃଷ୍ଟ ନଥିଲେ କିମ୍ବା ଧ୍ୟାନ ଦେଉ ନଥିଲେ । ଏହି ଦିନମାନଙ୍କରେ ହ. ଉସ୍ମାନ୍ ର.ଅ ଗୋଟିଏ କାମ କଲେ ଯେ, ସେ ଦୁଇଜଣ ବ୍ୟକ୍ତିଙ୍କୁ ରାଜକୋଷର ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରିଥିଲେ । କାରଣ ଏହା ପ୍ରମାଣିତ ଯେ, ସେଦିନ ହ. ଉସ୍ମାନ୍ ର.ଅ ଆଁହଜ଼ରତ ସ.ଅଙ୍କୁ ସ୍ୱପ୍ନରେ ଦେଖିଲେ ଏବଂ ହୁଜ଼ୁର ସ.ଅ କହିଲେ- **ହେ ଉସ୍ମାନ୍ ! ଆଜି ସନ୍ଧ୍ୟାରେ ତୁମେ ମୋ ସହିତ ରୋଜା ଖୋଲିବ ।** ଉକ୍ତ ସ୍ୱପ୍ନକୁ ଦେଖି ହ. ଉସ୍ମାନ୍ ର.ଅଙ୍କୁ ବିଶ୍ୱାସ ହୋଇ ଯାଇଥିଲା ଯେ, ଆଜି ମୁଁ ବୀରଗତି ପ୍ରାପ୍ତ କରିବି। ତେଣୁ ସେ ନିଜର ଦାୟିତ୍ୱକୁ ଦୃଷ୍ଟିରେ ରଖି ଦୁଇଜଣ ବ୍ୟକ୍ତିଙ୍କୁ ଆଦେଶ ଦେଲେ ଯେ, ସେମାନେ ରାଜକୋଷ ଆଗରେ ପ୍ରହରା ଦେଇ ରାଜ କୋଷର ସୁରକ୍ଷା କରନ୍ତୁ । କାରଣ କୋଳାହଳରେ ଯେପରି କୌଣସି ବ୍ୟକ୍ତି ରାଜ କୋଷରୁ ଅର୍ଥ ଲୁଣ୍ଠନ କରିବା ପାଇଁ ଅପଚେଷ୍ଟା ନକରୁ । ବିଦ୍ରୋହୀମାନଙ୍କ ମଧ୍ୟରୁ ଜଣେ ଆଗକୁ ବଢିଲା ଏବଂ ଏକ ଲୌହ ଛଡ଼ ଦ୍ୱାରା ହ. ଉସ୍ମାନ୍ ର.ଅଙ୍କ ମୁଣ୍ଡ ଉପରେ ପ୍ରହାର କଲା ଏବଂ ପୁନଶ୍ଚ ହ. ଉସ୍ମାନ୍ ର.ଅଙ୍କ ସମ୍ମୁଖରେ ଯେଉଁ ପବିତ୍ର କୁରଆନ୍ କରୀମ୍‌ଟି ଥିଲା ତାହାକୁ ଗୋଇଠା ମାରି ଫିଙ୍ଗି ଦେଲା । ପବିତ୍ର କୁରଆନ୍ କରୀମ୍ ଘୂରି ଘୂରି ହ. ଉସ୍ମାନ୍ ର.ଅଙ୍କ ନିକଟରେ ଆସିଗଲା । ହ. ଉସ୍ମାନ୍ ର.ଅଙ୍କ ମୁଣ୍ଡରେ ଲାଗିଥିବା ଆଘାତର ରକ୍ତବୁନ୍ଦା ପବିତ୍ର କୁରୁଆନ କରୀମ୍‌ରେ ଆସି ପଡ଼ିଲା । ଉକ୍ତ ଘଟଣାରୁ ସେହି ଉପଦ୍ରବୀ ବିଦ୍ରୋହୀମାନେ ପବିତ୍ର କୁରଆନ୍ କରୀମ୍‌ର ସମ୍ମାନ କରିବେ କ'ଣ ? ସେମାନଙ୍କ ଧର୍ମ ପ୍ରତି ଥିବା ଆନ୍ତରିକତା ଏବଂ ଧର୍ମପରାୟଣତାରୁ ପରଦା ହଟି ଯାଇଥିଲା । ଯେଉଁ ଆୟତ ଉପରେ ହ. ଉସ୍ମାନ୍ ର.ଅଙ୍କର ରକ୍ତବିନ୍ଦୁ ପଡ଼ିଲା ସେହି ଆୟତଟି ଏକ ଭବ୍ୟ ଭବିଷ୍ୟତବାଣୀ ଥିଲା, ଯାହାକି ନିଜ ସମୟରେ ଯାଇ

ପୂରଣ ହୋଇଥିଲା । ଅତି କ୍ରୁର ଏବଂ ନିଷ୍ଠୁର ବ୍ୟକ୍ତି ମଧ୍ୟ ଉକ୍ତ ରକ୍ତାକ୍ତ ଦୃଶ୍ୟର ଝଲକ ଦେଖି ନିଜର ଚକ୍ଷୁକୁ ସେତେବେଳେ ବନ୍ଦ କରିଦେଇଥିଲା । ସେହି ଆୟତଟି ଏହିପରି ଅଟେ ଯେ, **ଫସୟକଫିକହୁମୁଲ୍ଲାଃହୁ ଓହୁଅସ୍ ସମିଉଲ୍ ଅଲିମ୍ ।** *ଅର୍ଥାତ ଅଲ୍ଲାଃତାଲା ନିଶ୍ଚୟ ସେମାନଙ୍କ ଠାରୁ ତୁମ ପ୍ରତି ହୋଇଥିବା ଦୌରାତ୍ମ୍ୟର ପ୍ରତିଶୋଧ ନେବେ ଏବଂ ସେ ହିଁ ମହାନ ଶ୍ରୋତା ଓ ସର୍ବଜ୍ଞ* । ଏତଦ୍‌ପରେ ଅନ୍ୟ ଏକ ବ୍ୟକ୍ତି ଯାହାର ନାମ ସୌଦାନ୍ ଅଟେ, ସେ ଆଗକୁ ବଢି ଖଡ୍‌ଗ ଦ୍ୱାରା ହ. ଉସ୍‌ମାନ୍ ର.ଅଙ୍କ ଉପରେ ଆକ୍ରମଣ କରିଥିଲା, ପ୍ରଥମ ପ୍ରହାରକୁ ହ. ଉସ୍‌ମାନ୍ ର.ଅ ନିଜ ହାତ ସାହାଯ୍ୟରେ ଅଟକାଇଲେ । ଯଦ୍ୱାରା ତାଙ୍କ ହାତ କଟିଗଲା । ସେହି ଆକ୍ରମଣକାରୀ ପୁନର୍ବାର ହ. ଉସ୍‌ମାନ୍ ର.ଅଙ୍କ ଉପରେ ଆକ୍ରମଣ କଲା । ହ. ଉସ୍‌ମାନ୍ ର.ଅ ସେହି ଆକ୍ରମଣକାରୀକୁ ଏହି ଉତ୍ତର ଦେଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଏହା ହେଉଛି ସେହି ହସ୍ତ ଯେଉଁ ହସ୍ତ ସର୍ବପ୍ରଥମେ କୁରଆନ କରୀମ୍ ଲେଖିଥିଲା । ଅତଏବ ଆକ୍ରମଣକାରୀ ଦ୍ୱିତୀୟ ଥର ତାଙ୍କ ଉପରେ ପ୍ରହାର କରି ହ. ଉସ୍‌ମାନ୍ ର.ଅଙ୍କୁ ହତ୍ୟା କରିବାକୁ ଉଦ୍ୟମ କରୁଥିବାର ଦେଖି ହ. ଉସ୍‌ମାନ୍ ର.ଅଙ୍କ ପତ୍ନୀ ନାଏଲା ସେଠାରେ ଆସିଗଲେ ଏବଂ ନିଜକୁ ହ. ଉସ୍‌ମାନ୍ ର.ଅଙ୍କ ଆଗରେ ଛିଡ଼ା କରିଦେଲେ । କିନ୍ତୁ ସେହି ମୂର୍ଖ ହତଭାଗ୍ୟ ବ୍ୟକ୍ତି ମହିଳା ଉପରେ ମଧ୍ୟ ପ୍ରହାର କରିବାକୁ ପଶ୍ଚାତପଦ ହେଲା ନାହିଁ ଏବଂ ହ. ନାଏଲା ର.ଅଙ୍କ ଉପରେ ପ୍ରହାର କରିଦେଲା । ଯଦ୍ୱାରା ହ. ଉସ୍‌ମାନ୍ ର.ଅ ପତ୍ନୀଙ୍କ ଆଙ୍ଗୁଠି କଟିଗଲା ଏବଂ ସେ ତାଙ୍କ ଠାରୁ ପୃଥକ ହୋଇଗଲେ । ଏହାପରେ ସେ ଆଉ ଏକ ପ୍ରହାର ହ. ଉସ୍‌ମାନ୍ ର.ଅଙ୍କ ଉପରେ କଲା ଏବଂ ତାଙ୍କୁ କ୍ଷତ ବିକ୍ଷତ କରିଦେଲା । ଏହାପରେ ସେହି ହତଭାଗ୍ୟ ମୂର୍ଖ ବ୍ୟକ୍ତି ଏହା ଭାବିଲା ଯେ, ହ. ଉସ୍‌ମାନ ର.ଅଙ୍କ ପ୍ରାଣ ବାୟୁ ବର୍ତ୍ତମାନ ସୁଦ୍ଧା ଶରୀର ତ୍ୟାଗ କରି ନାହିଁ, ବୋଧହୁଏ ସେ ବଞ୍ଚି ଯାଇ ପାରନ୍ତି । ହ. ଉସ୍‌ମାନ୍ ର.ଅ ଯେତେବେଳେ ଆହତ ତଥା ଅଚେତ ହୋଇ ତଳେ ପଡ଼ି ଯାଇଥିଲେ ଏବଂ ଛଟପଟ ହେଉଥିଲେ ଠିକ୍ ସେତିକିବେଳ ସେହି ହତଭାଗ୍ୟ ହ. ଉସ୍‌ମାନ୍ ର.ଅଙ୍କ ଗଳାକୁ ଧରି ଚିପିବାକୁ ଲାଗିଲା । ସେ ସେପର୍ଯ୍ୟନ୍ତ ତାଙ୍କର ବେକକୁ ଚାପି ଧରିଲା ଯେପର୍ଯ୍ୟନ୍ତ ତାଙ୍କ ଆତ୍ମାର ପ୍ରାଣ ପକ୍ଷୀଟି ଉଡ଼ିଯାଇ ରସୁଲ୍ କରୀମ୍ ସ.ଅଙ୍କ ନିମନ୍ତ୍ରଣକୁ ସ୍ୱୀକାର କରି ଇହଧାମ ତ୍ୟାଗ କରି ନଥିଲା । **ଇନ୍ନା ଲିଲ୍ଲାଃହି ଓ ଇନ୍ନା ଇଲୈହି ରାଜିଉନ୍ ।** ବର୍ତ୍ତମାନ ଇସ୍‌ଲାମୀୟ ଶାସନ ଗାଦିଶୂନ୍ୟ, ଖଲିଫା ବିହୀନ ଏବଂ ଶ୍ରୀହୀନ ହୋଇପଡ଼ିଥିଲା । ବର୍ତ୍ତମାନ ମଦିନାବାସୀ ଅଧିକ ଉଦ୍ୟମ କରିବାକୁ ବୃଥା ମନେକଲେ ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜ ଘରେ ଯାଇ ବସିପଡ଼ିଲେ । ସେହି ଉପଦ୍ରବୀ ବିଦ୍ରୋହୀ ହତ୍ୟାକାରୀମାନେ ହ. ଉସ୍‌ମାନ୍ ର.ଅଙ୍କୁ ଶହୀଦ୍ କରିବା ପରେ ତାଙ୍କ ଘରେ ଲୁଣ୍ଠନ କରିବାକୁ ଲାଗିଲେ । ହ. ଉସ୍‌ମାନ୍ ର.ଅଙ୍କ ପତ୍ନୀ ଏହି ଦୃଶ୍ୟକୁ ଦେଖି ସେହି ସ୍ଥାନରୁ ହଟି ଯିବାକୁ ଚାହିଁଲେ ଏବଂ ସେଠାରୁ ଯାଉଥିବା ସମୟରେ ସେହି ହତଭାଗ୍ୟ କୁକର୍ମୀ, ବିଭତ୍ସ ହତ୍ୟାକାରୀମାନେ ହ. ଉସ୍‌ମାନ୍ ର.ଅଙ୍କ ପତ୍ନୀଙ୍କ ସଂପର୍କରେ ଅତ୍ୟନ୍ତ ଅଶ୍ଳୀଳ ଭାଷା ପ୍ରୟୋଗ କଲେ ଏବଂ ନାନ ପ୍ରକାରର ବ୍ୟଙ୍ଗ ବିଦ୍ରୁପ କଲେ । କିନ୍ତୁ ସେହି ଉପଦ୍ରବୀ ବିଦ୍ରୋହୀ ତଥା ହତ୍ୟାକାରୀଙ୍କ ଲଜ୍ଜାହୀନତା ନିଜର ଚରମ ସୀମାରେ ପହଞ୍ଚିଯାଇଥିଲା ଯେ, ସେମାନଙ୍କ ନିକଟରେ କୌଣସି କୁକର୍ମ ଅସମ୍ଭବ ଏବଂ ଅନୁଚିତ ବୋଲି ମନେହେଉ ନଥିଲା । ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି ଯେ, ଏହିସବୁ କଥାକୁ ଶୁଣି ମୁଁ କହୁଛି ଯେ, ଅଲ୍ଲାଃତାଲା ମୋତେ ବହୁତ ବଡ଼ ମର୍ଯ୍ୟାଦାର ଅଧିକାରୀ କରିଛନ୍ତି ଏବଂ ମୁଁ ମର୍ଯ୍ୟାଦାକୁ ପ୍ରାପ୍ତ କରି ଗର୍ବିତ ଅନୁଭବ କରୁଛି । କିନ୍ତୁ ମୋ ମନ ଚାହୁଁଛି ଯେ, ଏପରି ହୁଅନ୍ତା କି ମୁଁ ସେହି ସମୟରେ ଥାଆନ୍ତି ଏବଂ ସେହି ଲୋକମାନଙ୍କୁ ଖଣ୍ଡଖଣ୍ଡ କରି ପକାଇ ଥାଆନ୍ତି । ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି ଯେ, ସେହି ବ୍ୟାଭୀଚାରୀ ବିଦ୍ରୋହୀମାନେ ହ. ଆଏଶା ର.ଅଙ୍କ ଉପରେ ମଧ୍ୟ ଏହିପରି ମନ୍ଦ ଓ ଅଶ୍ଳୀଳ ଚର୍ଚ୍ଚା କରିବାରୁ ବିରତ ରହିଲେ ନାହିଁ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି ଯେ, । ଯଦି ଆମେ ସଦ୍‌ବୁଦ୍ଧି ସହିତ ଅବଲୋକନ କରୁ ଓ ତାହାର ବାସ୍ତବତାକୁ ଚିହ୍ନିବା ପାଇଁ ଚେଷ୍ଟା କରୁ ତାହାହେଲେ ଆମେମାନେ ଜାଣି ପାରିବା ଯେ, ଏହି ଖିଲାଫତ୍‌ର ପରମ୍ପରା ଏକ ସର୍ବପୁରାତନ ଭବ୍ୟ ପରମ୍ପରା ଅଟେ । ମୁସ୍‌ଲେହ୍ ମଉଦ୍ ର.ଅ କହିଲେ ହ. ଉମର୍ ର.ଅଙ୍କ ପରେ ଖିଲାଫତ୍ ଆସନରେ ବସିବା ପାଇଁ ସମସ୍ତ ସାହାବା ର.ଅଙ୍କ ଦୃଷ୍ଟି ହ. ଉସ୍‌ମାନ୍ ର.ଅଙ୍କ ଉପରେ ପଡ଼ିଥିଲା ଏବଂ ହ. ଉସ୍‌ମାନ୍ ର.ଅ ବଡ଼ ବଡ଼ ସାହାବାମାନଙ୍କ ପରାମର୍ଶ କ୍ରମେ ଉକ୍ତ କାର୍ଯ୍ୟ ପାଇଁ ନିର୍ବାଚିତ ହୋଇଥିଲେ । ହ. ଉସମାନ୍ ର.ଅ ଆଁହଜରତ ସ.ଅଙ୍କର ଜାମାତା (ଜ୍ୱାଇଁ) ଥିଲେ ଏବଂ ଆଁହଜ଼ରତ ସ.ଅଙ୍କ ଗୋଟିଏ ପରେ ଅନ୍ୟ ପୁତ୍ରୀଙ୍କୁ ବିବାହ କରିଥିଲେ ଏବଂ ଯେତେବେଳେ ଆଁହଜ଼ରତ ସ.ଅଙ୍କ

ଦ୍ୱିତୀୟ କନ୍ୟାଙ୍କ ବିୟୋଗ ଘଟିଥିଲା ସେତେବେଳେ ଆଁହଜ଼ରତ ସ.ଅ କହିଲେ ହେ ଉସ୍‌ମାନ୍ ମୋର ଯଦି ଅନ୍ୟ ପୁତ୍ରୀ ଥାଆନ୍ତେ ତାହାହେଲେ ମୁଁ ତାହାକୁ ମଧ ଆପଣଙ୍କୁ ବିବାହ ଦେଇଥାଆନ୍ତି । ତହିଁରୁ ଏହା ଅନୁମିତ ହୁଏ ଯେ, ଆଁହଜ଼ରତ ସ.ଅଙ୍କ ଦୃଷ୍ଟିରେ ହ. ଉସ୍‌ମାନ୍ ର.ଅଙ୍କୁ କେଉଁ ପ୍ରକାରର ମର୍ଯ୍ୟାଦା ପ୍ରାପ୍ତ ଥିଲା । ମକ୍କାବାସୀଙ୍କ ଦୃଷ୍ଟିରେ ତାଙ୍କୁ ଏକ ବିଶେଷ ମର୍ଯ୍ୟାଦା ପ୍ରାପ୍ତ ଥିଲା ଏବଂ ଆରବର ସେହି କାଳର ପରିସ୍ଥିତି ଅନୁଯାୟୀ ସେ ଅତ୍ୟନ୍ତ ଧନୀକ ବ୍ୟକ୍ତି ଥିଲେ । ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପରେ ଯଉଁ ବ୍ୟକ୍ତିଙ୍କୁ ହ. ଅବୁ ବକ୍କର ର.ଅ ଇସ୍‌ଲାମ୍‌ର ତବ୍‌ଲିଗ୍ (ପ୍ରଚାର) ପାଇଁ ନିର୍ବାଚିତ କରିଥିଲେ । ତନ୍ମଧ୍ୟରୁ ହ. ଉସ୍‌ମାନ୍ ର.ଅ ଜଣେ ବରେଣ୍ୟ ପ୍ରଚାରକ ଥିଲେ । ଏଣୁ ଆଁହଜ଼ରତ ସ.ଅ ହ. ଉସ୍‌ମାନ୍ ର.ଅଙ୍କୁ ବହୁତ ସମ୍ମାନ ଜଣାଉଥିଲେ । ଏକଦା ଆଁ ହଜ଼ରତ ସ.ଅ ଶଯ୍ୟାରେ ବିଶ୍ରାମ କରୁଥିଲେ ହ. ଅବୁ ବକ୍କର୍ ର.ଅ ଆସିଲେ ସେତେବେଳେ ଆଁହଜ଼ରତ ସ.ଅ ସେହିପରି ଅବିଚଳ ରହିଲେ । ଏହାପରେ ଯେତେବେଳେ ହ. ଉମର୍ ର.ଅ ଆସିଲେ ସେତେବେଳ ମଧ ଆଁହଜ଼ରତ ସ.ଅ ସେହିପରି ଅବିଚଳ ରହିଲେ । ପୁନଶ୍ଚ ଯେତେବେଳେ ହ. ଉସ୍‌ମାନ୍ ର.ଅ ଆସିଲେ ସେତେବେଳେ ଆଁହଜ଼ରତ ସ.ଅ ନିଜର ବସ୍ତ୍ରକୁ ସଜାଡ଼ି ଛିଡ଼ା ହୋଇପଡ଼ିଲେ ଏବଂ କହିଲେ ହ. ଉସ୍‌ମାନ୍ ର.ଅଙ୍କ ସ୍ୱଭାବରେ ଅଧିକ ଲଜ୍ଜାଭାବ ରହିଛି । ତେଣୁ ମୁଁ ତାଙ୍କର ଏହିଭଳି ମାନସିକତା ଏବଂ ସ୍ୱଭାବ ପ୍ରତି ସମ୍ମାନ ଜଣାଏ । ହ. ଉସ୍‌ମାନ୍ ର.ଅ ହେଉଛନ୍ତି ଏଭଳି ଏକ ଦୁର୍ଲଭ ବ୍ୟକ୍ତି ଯିଏ ଇସ୍‌ଲାମ୍ ପୂର୍ବରୁ ମଧ ମଦ୍ୟପାନ କରି ନଥିଲ କି ବ୍ୟାଭିଚାରରେ ଲିପ୍ତ ନଥିଲେ । ଅତଏବ ହ. ଉସ୍‌ମାନ୍ ର.ଅ କୌଣସି ସାଧାରଣ ବ୍ୟକ୍ତି ନଥିଲେ ବରଂ ଉଚ୍ଚ କୋଟିର ଚରିତ୍ରବତ୍ତା ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଆଁହଜ଼ରତ ସ.ଅ ହ. ଉସ୍‌ମାନ୍ ର.ଅଙ୍କ ଉପରେ ଅତି ପ୍ରସନ୍ନ ଥିଲେ ଏବଂ ହ. ଉମର୍ ର.ଅ ହ. ଉସ୍‌ମାନ୍ ର.ଅଙ୍କୁ ସେହି ୬ ଜଣ ବ୍ୟକ୍ତି ମଧ୍ୟରୁ ଜଣେ ବୋଲି ବିବେଚିତ କରିଥିଲେ ଯାହାଙ୍କୁ ରସୁଲ୍ କରୀମ୍ ସ.ଅ ମୃତ୍ୟୁ ସମୟ ପର୍ଯ୍ୟନ୍ତ ଏକ ବିଶେଷ ଧରଣର ପ୍ରସନ୍ନତା ପ୍ରାପ୍ତ ଥିଲା । ହ. ଉସ୍‌ମାନ୍ **ଅଶ୍ରା ମୁବଶ୍ଶରା**ଙ୍କ ମଧ୍ୟରୁ ଜଣେ ଅଟନ୍ତି । ଅର୍ଥାତ ସେହି ଦଶ ଜଣ ବ୍ୟକ୍ତି ଯେଉଁମାନଙ୍କୁ ଆଁହଜ଼ରତ ସ.ଅ ସେମାନଙ୍କ ଜୀବନରେ ହିଁ ବୈକୁଣ୍ଠଗାମୀ ହେବାର ଶୁଭ ସମ୍ବାଦ ଦେଇଥିଲେ ।

ହ. ଉସ୍‌ମାନ୍ ର.ଅ ଜୁଲ୍ ହଜ୍ଜା ମାସ ୧୮ ତାରିଖ ଓ ୩୬ ହିଜରୀର ଶୁକ୍ରବାର ଦିନ ନମାଜ୍ ଅସର୍ ପରେ ୮୨ ବର୍ଷ ବୟସରେ ଶହୀଦ୍ ହୋଇଥିଲେ । ଶାହାଦତ୍ ବେଳେ ହ. ଉସ୍‌ମାନ୍ ର.ଅ ରୋଜା ରଖିଥିଲେ । ହ. ଜୁବୈର ବିନ୍ ମୁତ୍‌ଅମ୍ ହ. ଉସ୍‌ମାନ୍ ର.ଅଙ୍କ ନମାଜ଼ ଯନାଜାଃ ପଢେଇଥିଲେ । ହ. ଉସ୍‌ମାନ୍ ର.ଅଙ୍କୁ ସପ୍ତାହ ଦିନ ମଗ୍‌ରିବ୍ ଓ ଇଶାର ମଧ୍ୟବର୍ତ୍ତୀ ସମୟରେ ରାତ୍ରବେଳା **ହଶ୍ କୌକବ୍**ରେ କବର ଦିଆଯାଇଥିଲା । ରବିଇ ବିନ୍ ମାଲିକ୍ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଲୋକମାନଙ୍କର ଏହି ଆକାଂକ୍ଷା ଥିଲା ସେମାନେ ନିଜର ମୃତକଙ୍କୁ **ହଶ୍ କୌକବ୍**ରେ କବର ଦେବାକୁ ପସନ୍ଦ କରୁଥିଲେ। **ହଶ୍** କହିଲେ ଏକ କ୍ଷୁଦ୍ୟ ଉଦ୍ୟାନକୁ ବୁଝାଏ ଏବଂ **କୌକବ୍** କହିଲେ ଏକ ଅନ୍‌ସାରୀ ବ୍ୟକ୍ତିର ନାମକୁ ବୁଝାଏ ଯେଉଁ ବ୍ୟକ୍ତିର ଉକ୍ତ ଉଦ୍ୟାନଟି ଥିଲା । ଉକ୍ତ ଉଦ୍ୟାନଟି ଜନ୍ନତୁଲ୍ ବକିର ନିକଟବର୍ତ୍ତୀ ଉଦ୍ୟାନ ଅଟେ । ହ. ଉସ୍‌ମାନ୍ ବିନ୍ ଅଫ୍ଫାନ ର.ଅ କହୁଥିଲେ ଯେ, ଜଣେ ପୁଣ୍ୟବାନ୍ ବ୍ୟକ୍ତିର ଅତି ନକଟବର୍ତ୍ତୀ ସମୟରେ ମୃତ୍ୟୁ ଘଟିବ ଏବଂ ତାକୁ ସେଠରେ କବର ଦିଆଯିବ। ଅର୍ଥାତ ହଶ୍ କୌକବ ଉଦ୍ୟାନରେ ଏବଂ ଲୋକମାନେ ତା'କୁ ଅନୁକରଣ କରିବେ । ଉପଦ୍ରବୀ ଓ ବିଦ୍ରୋହୀମାନେ ତିନି ଦିନ ପର୍ଯ୍ୟନ୍ତ ହ. ଉସ୍‌ମାନ୍ ର.ଅଙ୍କ ମୃତ ଶରୀରକୁ କବର ଦେବାକୁ ଦେଇ ନଥିଲେ ।

ବର୍ତ୍ତମାନ ମୁଁ କେତେକ ମୃତକଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି ଯେଉଁମାନଙ୍କର ବିଗତ ଦିନରେ ମୃତ୍ୟୁ ଘଟିଥିଲା ଏବଂ ନମାଜ ଜୁମା ପରେ ସେହି ମୃତକମାନଙ୍କର ନମାଜ଼ ଯନାଜାଃ ପଢେଇବି । ତନ୍ମଧ୍ୟରୁ ସର୍ବ**ପ୍ରଥମ** ବ୍ୟକ୍ତି ହେଉଛନ୍ତି ଆଇଭରୀକୋଷ୍ଟର ସମ୍ମାନନୀୟ ସ୍ୱର୍ଗତ ମୌଲବୀ ମୁହମ୍ମଦ୍ ଇଦ୍ରିସ୍ ସାହେବ । **ଦ୍ୱିତୀୟ** ଯନାଜ଼ାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ଅମିନା ସାହେବାଙ୍କର । **ତୃତୀୟ** ଯନାଜ଼ାଃ ହେଉଛି ସିରୀୟାର ସମ୍ମାନନୀୟ ସ୍ୱର୍ଗତ ନୋହୀ କ଼ଜ଼କ୍ ସାହେବଙ୍କର । **ଚତୁର୍ଥ ଯନାଜ଼ାଃ ହେଉଛି** ସମ୍ମାନନୀୟା ସ୍ୱର୍ଗତା ଫର୍‌ହତ୍ ନସୀମ୍ ସାହେବାଙ୍କର । ଅଲ୍ଲାଃତାଲା ଉପରୋକ୍ତ ସମସ୍ତ ମୃତକ ଓ ମୃତକାମାନଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ଏମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍ ।**

.........................

KHULASA KHUTBA JUMA HUZOOR ANWAR a.b.a

12th Mar. 2021